# ନଦୀ ପୋଲ ଉପରୁ ଝୁଲନ୍ତା ଶବ ଉଦ୍ଧାର

## ମୃତ୍ୟୁକୁ ନେଇ ବଢ଼ୁଛି ସନ୍ଦେହ

ଭଦ୍ରେଶ୍ୱର,୭।୫(ସମିସ): ମାହାଙ୍ଗା ଥାନା ଅଧୀନ କୁସୁପୁର ବିରୂପା ନଦୀ ପୋଲ ଉପରୁ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ଶବ ଉଦ୍ଧାର ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତ ବ୍ୟକ୍ତିଜଣକ ବାସୁଦେବପୁର ଗ୍ରାମପଞ୍ଚାୟତ ବରଅଠା ଗ୍ରାମର ସେକ ମମିମ (୪୫)। ଏହି ମୃତ୍ୟୁ ପଛର କାରଣ ସ୍ପଷ୍ଟ ହୋଇ ନ ଥିବାରୁ ଏହାକୁ ନେଇ ରହସ୍ୟ ଘନୀଭୂତ ହେବାରେ ଲାଗିଛି। ଆଜି ସକାଳୁ କୁସୁପୁର ବିରୂପା ନଦୀ ପୋଲ ଉପରେ ଜଣେ ବ୍ୟକ୍ତିଙ୍କ ଶବ ଝୁଲୁଥିବାର ସ୍ଥାନୀୟ ଲୋକେ ଦେଖିଥିଲେ। ଦେଖୁ ଦେଖୁ ଘଟଣାସ୍ଥଳରେ ଶତାଧିକ ଲୋକଙ୍କ ଭିଡ଼ ଜମିଥିଲା। ଖବର ପାଇ ମାହାଙ୍ଗା ଥାନା ପୁଲିସ ତୁରନ୍ତ ସେଠାରେ ପହଞ୍ଚି ଶବକୁ ଜବତ କରିବା ସହ ଛାନ୍‌ଭିନ୍ ଆରମ୍ଭ କରିଥିଲା। ମୃତକଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଶବକୁ ଚିହ୍ନଟ କରିଛନ୍ତି। ଏହା ଏକ ଆତ୍ମହତ୍ୟା ନା ଏହା ପଛରେ ଅନ୍ୟ କିଛି କାରଣ ରହିଛି, ସେନେଇ ପରିବାର ଓ ସ୍ଥାନୀୟ ଲୋକେ ସନ୍ଦେହ ପ୍ରକଟ କରିଛନ୍ତି। ପରିବାର ପକ୍ଷରୁ ମାହାଙ୍ଗା ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଛି। ପୁଲିସ ଏହି ଅଭିଯୋଗକୁ ଆଧାର କରି ଏକ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

■ ଓଲଟିଲା ପାଇଖାନା ସଫେଇ ଗାଡ଼ି

# ଚାଳକ ମୃତ, ଜଣେ ଗୁରୁତର

ବଡ଼ମ୍ବା,୭।୫(ସମିସ): ବଡ଼ମ୍ବା ଥାନା ଅନ୍ତର୍ଗତ ଅମାନ୍ତିଆ ମୁଖ୍ୟ ରାସ୍ତାରେ ଏକ ଶୌଚାଳୟଟାଙ୍କି ସଫେଇ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଗାଡ଼ିଟି ଭାରସାମ୍ୟ ହରାଇ



ତିନୋଟି ବାଇକ୍‌କୁ ଧକ୍କା ଦେବା ସହ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଫଳରେ ଗାଡ଼ି ଚାଳକ ସମୀର ନାଏକ (୪୮)ଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ସହଯୋଗୀ ଶିବ ପ୍ରସାଦ ନାଏକ ଗୁରୁତର ହୋଇଛନ୍ତି। ମୃତକଙ୍କ ଘର ନରସିଂହପୁର ଥାନା ପାଇକ ବାରବାଟୀ ଗ୍ରାମରେ। ପୁଲିସ ଗୁରୁତର ଶିବଙ୍କୁ ଉଦ୍ଧାର କରି ପ୍ରଥମେ ବଡ଼ମ୍ବା ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଛି। ଦୁର୍ଘଟଣା ପରେ ଗାଡ଼ିରେ ଥିବା ମାଲିକଙ୍କ ପୁଅ ଫେରାର ହୋଇଯାଇଥିବା ବେଳେ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

# ଓଲଟିଲା ଚାଉଳ ବୋଝେଇ ଟ୍ରକ୍; ବର୍ତ୍ତିଲେ ଚାଳକ



ବଡ଼ମ୍ବା,୭।୫(ସମିସ): ବଡ଼ମ୍ବା ବ୍ଲକ କୃଷ୍ଣପୁର ପଞ୍ଚାୟତ ଛକ ନିକଟସ୍ଥ ୬୫ ନମ୍ବର ରାଜ୍ୟ ରାଜପଥରେ ଏକ ଚାଉଳ ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଛି। ଗୁରୁବାର ଅପରାହ୍ନରେ ଯୋଗାଣ ବିଭାଗର ପିଡିଏସ୍ ଚାଉଳ ଧରି ନରସିଂହପୁର ଅଭିମୁଖେ ଯାଉଥିବା ବେଳେ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ସୌଭାଗ୍ୟବଶତଃ ଏହି ଦୁର୍ଘଟଣାରେ କାହାରି କିଛି କ୍ଷୟକ୍ଷତି ହୋଇନାହିଁ। ବଡ଼ମ୍ବା ପୁଲିସ ଘଟଣାସ୍ଥଳରେ ପହଞ୍ଚି ରାସ୍ତାରୁ ଟ୍ରକଟିକୁ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଛି।

■ ମଦ୍ୟପଙ୍କ ଆତଙ୍କ

# ଦୋକାନୀଙ୍କୁ ଆକ୍ରମଣ ଓ ଲୁଟ୍, ୩ ଗିରଫ

କଣ୍ଟାପଡ଼ା,୭।୫(ସମିସ): ଗୋବିନ୍ଦପୁର ଥାନା ଅଧୀନ ରହମ୍ବା ବ୍ରିଜ୍ ଅଞ୍ଚଳରେ ଅସାମାଜିକ ବ୍ୟକ୍ତିଙ୍କ ଉତ୍ପାତ ବୃଦ୍ଧି ପାଇଛି। ଗତ ୪ ତାରିଖ ରାତିରେ ସ୍ଥାନୀୟ ଦୋକାନୀ ସମୀର ସେଠୀଙ୍କୁ କିଛି ମଦ୍ୟପ ମରଣାନ୍ତକ ଆକ୍ରମଣ କରିବା ସହ ତାଙ୍କ ଦୋକାନରୁ ୧୭,୫୦୦ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତମାନେ ସମୀରଙ୍କୁ ମଦ ବୋତଲରେ ପ୍ରହାର କରି କ୍ଷତବିକ୍ଷତ କରିବା ସହ ତାଙ୍କ ବାଇକ୍ ମଧ୍ୟ ଭଙ୍ଗାରୁଜା କରିଛନ୍ତି। ଗୁରୁତର ସମୀରଙ୍କୁ ପ୍ରଥମେ ଅଡ଼ଶପୁର ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଏହି ଘଟଣାରେ ତିନି ଅଭିଯୁକ୍ତ ରାହୁଲ ଭୋଇ, ସୋନୁ ଭୋଇ ଓ ବାବନ ଭୋଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଞ୍ଚଳରେ ବଢୁଥିବା ଚୋରା ମଦ କାରବାର ଓ ପୁଲିସର ନିଷ୍କ୍ରିୟତାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ଲୋକେ ନିୟମିତ ପାଟ୍ରୋଲିଂ ପାଇଁ ଦାବି କରିଛନ୍ତି।

# ବନ ବିଭାଗ ଓ ଭିଜିଲାନ୍ସର ଚଢ଼ଉ

## ଲକ୍ଷାଧିକ ଟଙ୍କାର ଶାଗୁଆନ କାଠ ଜବତ



ଟାଙ୍ଗୀ,୭।୫(ସମିସ): କଟକ ବନଖଣ୍ଡ ଡାଳିଯୋଡ଼ା ରେଞ୍ଜ ଅନ୍ତର୍ଗତ ସଫା ସେକ୍ସନ ଅଞ୍ଚଳରେ ଚାଲିଥିବା ବେଆଇନ କାଠ କାରବାର ଉପରେ ବନ ବିଭାଗ ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଗୁରୁବାର ଭୋର ସମୟରେ ଭିଜିଲାନ୍ସ ଟିମ୍ ସହାୟତାରେ ବନ ବିଭାଗ ସଫା ଗ୍ରାମର ଦୁଇଟି ସ୍ଥାନରେ ଚଢ଼ଉ କରି ଲକ୍ଷାଧିକ ଟଙ୍କାର ଶାଗୁଆନ କାଠ ଓ ପଟା ଜବତ କରିଛି। ଡାଳିଯୋଡ଼ା ରେଞ୍ଜର ସଚ୍ଚିଦାନନ୍ଦ ସୁବୁଦ୍ଧିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଚଢ଼ଉରେ ବନପାଳ ଲକ୍ଷ୍ମୀଧର ନାୟକ, ଭିଜିଲାନ୍ସ ଅଧିକାରୀ ଏବଂ ଏକ ପ୍ଲାଟୁନ ପୁଲିସ ଫୋର୍ସ ସାମିଲ ହୋଇଥିଲେ। ବେଆଇନ କାଠ କାରବାର ନେଇ ମିଳିଥିବା ଗୁପ୍ତ ସୂଚନା ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ଜବତ କାଠ ଓ ପଟାର ଆନୁମାନିକ ବଜାର ମୂଲ୍ୟ ୧.୫ ଲକ୍ଷ (ଦେଢ଼ ଲକ୍ଷ) ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ବନ ବିଭାଗ ପହଞ୍ଚିବା ପୂର୍ବରୁ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ଫେରାର ଅଭିଯୁକ୍ତଙ୍କ ନାମରେ ବନ ବିଭାଗ ପକ୍ଷରୁ ମାମଲା ରୁଜୁ କରାଯାଇଛି। ସେମାନଙ୍କୁ ଖୁବଶୀଘ୍ର ଆଇନଗତ ନୋଟିସ ଜାରି କରାଯିବ ବୋଲି ରେଞ୍ଜର ଶ୍ରୀ ସୁବୁଦ୍ଧି ସୂଚନା ଦେଇଛନ୍ତି।

# ଦଶମ ଶ୍ରେଣୀ ଛାତ୍ରୀ ନିଖୋଜ

ନିଶ୍ଚିନ୍ତକୋଇଲି,୭।୫(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଗ୍ରାମପଞ୍ଚାୟତ କୁଲଗାଁଇଶାଳୋସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ଜଣେ ୧୦ମ ଶ୍ରେଣୀ ଛାତ୍ରୀ ନିଖୋଜ ହୋଇଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ନତକାଇ ପଞ୍ଚାୟତ ଅଞ୍ଚଳର ଛାତ୍ରୀ ସ୍କୁଲ ଛୁଟିଥିବାରୁ ଘରୁ କେଉଁଆଡେ ନିଖୋଜ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ଶେଷରେ ତାଙ୍କ ପରିବାର ତରଫରୁ ଏ ନେଇ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରାଯାଇଛି।

## ରାସ୍ତା ଜବରଦଖଲ: ଯାଇପାରୁନି ଦମକଳ ଓ ଆମ୍ବୁଲାନ୍ସ

# ପ୍ରତିବାଦରେ ରାସ୍ତା ଅବରୋଧ କଲେ ବାସିନ୍ଦା

ନିଶ୍ଚିନ୍ତକୋଇଲି,୭।୫(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନସ୍ଥ କଳମିଶ୍ରି ପଞ୍ଚାୟତ ୧୨ ନମ୍ବର ୱାର୍ଡ ଲେଣ୍ଡୁରା ଭଗବାନପୁର ଗ୍ରାମ ଦଳିତ ସାହିକୁ ଯାଇଥିବା ରାସ୍ତାଟି ଏବେ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ରାସ୍ତାକୁ ଜବରଦଖଲ କରିଥିବା ପ୍ରଭାବଶାଳୀ ଲୋକମାନଙ୍କଠାରୁ ଏହାକୁ ଉଚ୍ଛେଦ ପାଇଁ ନିଶ୍ଚିନ୍ତକୋଇଲି ତହସିଲଦାରଙ୍କ ନିକଟରେ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଫଳରେ



ସଂପୃକ୍ତ ଦଳିତ ସାହି ବାସିନ୍ଦା ଏହାକୁ ପ୍ରତିବାଦ କରି ରାସ୍ତା ଅବରୋଧ କରିବା ସହିତ ତୁରନ୍ତ ଜବରଦଖଲ ହଟାଇବା ପାଇଁ ଦାବି କରିଛନ୍ତି। ଅଭିଯୋଗରୁ ଜଣାଯାଏ, ଲେଣ୍ଡୁରା ଭଗବାନପୁର ଦଳିତ ସାହିକୁ ଯାଇଥିବା ସରକାରୀ ରାସ୍ତା ପ୍ଲଟ ନଂ ୧୪୫୬ର ପଶ୍ଚିମ ପାଖକୁ ଦୀର୍ଘ ବର୍ଷ ହେବ କେତେକ ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ କରିଛନ୍ତି। ଯାହାଦ୍ୱାରା ରାସ୍ତାଟି ସଂକୁଚିତ ହୋଇଯିବାରୁ ଜରୁରୀକାଳିନ ପରିସ୍ଥିତିରେ ଏହି ବାଟ ଦେଇ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡି ଯାତାୟାତ କରିପାରୁନାହିଁ। ଫଳରେ ଆବଶ୍ୟକ ପଡିଲେ ରୋଗୀଙ୍କୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ବୋହିବାକୁ ପଡୁଥିବା ନେଇ ବାସିନ୍ଦାମାନେ ଅଭିଯୋଗ କରିଛନ୍ତି। ଉକ୍ତ ରାସ୍ତାରେ କେତେକ ଲୋକ ଜବରଦସ୍ତ ସ୍ଥାୟୀ ଗୃହ ନିର୍ମାଣ କରିଦେଇଥିବାରୁ ତହସିଲ ପକ୍ଷରୁ ଏହାକୁ ହଟାଇବା କାଠିକର ପାଠ ହେଉଥିବା ଜଣାଯାଇଛି। ଆସନ୍ତା ପଞ୍ଚାୟତ ନିର୍ବାଚନ ପୂର୍ବରୁ ଯଦି ଏହି ରାସ୍ତା ପାର୍ଶ୍ୱରୁ ଜବରଦଖଲ ହଟା ନ ଯାଇ ଏହାକୁ ଭଲ ଭାବରେ କରା ନ ଯାଏ ତାହା ହେଲେ ଦଳିତ ସାହି ବାସିନ୍ଦାମାନେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ମଧ୍ୟ ଦେଇଛନ୍ତି। ଏହି ଅଞ୍ଚଳଟି କଟକ ସଦର ନିର୍ବାଚନ ମଣ୍ଡଳୀ ଅଧୀନରେ ଯାଉଥିବାରୁ ସ୍ଥାନୀୟ ଯୁବ ବିଧାୟକ ଏଥିପ୍ରତି ଗୁରୁତ୍ୱ ଦେଇ ସଂପୃକ୍ତ ଦଳିତ ସାହିକୁ ଏକ ଭଲ ରାସ୍ତା ନିର୍ମାଣ କରିବା ପାଇଁ ପଦକ୍ଷେପ ନେବା ନିମନ୍ତେ ଦାବି ହେଉଛି।

# ବରିଷ୍ଠ ବିଜେଡି କର୍ମୀଙ୍କ ପରଲୋକ



ନେମାଳ,୭।୫(ସମିସ): କଟକ ସଦର ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ବନ୍ଧୁପୁର ଗ୍ରାମର ବିଜୁ ଜନତା ଦଳର ବରିଷ୍ଠ କର୍ମୀ ରତିକାନ୍ତ ଭୂୟାଁ (ମିଟୁ ଭାଇ)ଙ୍କର ପରଲୋକ ହୋଇଯାଇଛି। ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ହୃଦଘାତ ଯୋଗୁଁ ତାଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବର ପାଇ ପୂର୍ବତନ ମନ୍ତ୍ରୀ ଚନ୍ଦ୍ର ସାରଥି ବେହେରା ହସ୍ପିଟାଲରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏହି ଦୁଃଖଦ ସମୟରେ ଜିଲ୍ଲା ପରିଷଦ ସଭ୍ୟ ବିଳାସ ଭୋଇ, ରମେଶ ସ୍ୱାଇଁ, ପ୍ରମୋଦ ନାୟକ, ବିଶ୍ୱେନ୍ଦୁ ମହାରଣା, ଅଚ୍ୟୁତାନନ୍ଦ ଦାସ, ଶରତ ସାମଲ, ନିରଞ୍ଜନ ଭୂୟାଁ, କାବୁଲା ଦାସ, ହିମାଂଶୁ ଦାସ, ବଳଦେବାନନ୍ଦ ଦାସ ଏବଂ ଗୁରୁଚରଣ ବାରିକ ପ୍ରମୁଖ ଗଭୀର ସମବେଦନା ଜଣାଇଛନ୍ତି। ଜଣେ ପରୋପକାରୀ ଓ ସଂଗଠକ ଭାବେ ଶ୍ରୀ ଭୂୟାଁ ଅଞ୍ଚଳରେ ବେଶ୍ ପରିଚିତ ଥିଲେ।

# ଦୁର୍ଘଟଣାରେ ଫାଷ୍ଟଫୁଡ ବ୍ୟବସାୟୀଙ୍କ ମୃତ୍ୟୁ

ତିଗିରିଆ,୭।୫(ସମିସ): ତିଗିରିଆ ଥାନା ଅନ୍ତର୍ଗତ ଗୋହିରିମୁଣ୍ଡା ଛକରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ଯୁବ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ

**କ୍ଷତିପୂରଣ ଦାବିରେ ରାସ୍ତାରୋକ**

ହେଲେ ତିଗିରିଆ ନିଜିଗଡ଼ ପଞ୍ଚାୟତ ଉପରଗଡ଼ ନୂଆସାହି ଗ୍ରାମର ପ୍ରକାଶ କୁମାର ସାହୁ। ସେ ଗୋହିରିମୁଣ୍ଡା ବଜାରରେ ଏକ ଫାଷ୍ଟଫୁଡ ଦୋକାନ କରି ଗୁଜରାଣ ମେଣ୍ଟାଉଥିଲେ। ବୁଧବାର ବିଳମ୍ବିତ ରାତିରେ ଏକ ଗାଡ଼ି ତାଙ୍କୁ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଏବଂ ଦୁର୍ଘଟଣା ଘଟାଇଥିବା



ଗାଡ଼ି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ସ୍ଥାନୀୟ ଜନସାଧାରଣ ଉତ୍ତ୍ୟକ୍ତ ହୋଇ ପ୍ରକାଶଙ୍କ ଶବକୁ ବଜାରର ହନୁମାନ ମନ୍ଦିର ସମ୍ମୁଖରେ ରଖି କଟକ-ନରସିଂହପୁର ୬୫ ନମ୍ବର ରାଜ୍ୟ ରାଜପଥ ଅବରୋଧ କରିଥିଲେ। ଅଧପନ୍ତରିଆ ରାସ୍ତା ନିର୍ମାଣ ଯୋଗୁଁ ସଙ୍କୁଚିତ ହୋଇଥିବା ରାସ୍ତା ଏବଂ ଭାରିଯାନ ଚଳାଚଳ ଉପରେ କଟକଣା ଲଗାଇବାକୁ ଲୋକେ ଦାବି କରିଥିଲେ। ଖବର ପାଇ ତିଗିରିଆ ଆଇଆଇସି ରମାକାନ୍ତ ନାୟକ, ଏସଡିପିଓ ବିଶ୍ୱଜିତ ମହାନ୍ତି ଏବଂ ମାଣିଆବନ୍ଧ ଆଇଆଇସି ବିଜୟ କୁମାର ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ରାସ୍ତାରୋକ ହଟିଥିଲା। ପୁଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ପରେ ଦୁର୍ଘଟଣା ଘଟାଇଥିବା ବସକୁ ନରସିଂହପୁର ଅଞ୍ଚଳରୁ ଜବତ କରିଛି। ତେବେ ଗାଡ଼ିର ଚାଳକ ଫେରାର ଥିବା ବେଳେ ତାଙ୍କୁ ଧରିବା ପାଇଁ ପୁଲିସ ଉଦ୍ୟମ ଜାରି ରଖିଛି। ଏ ସଂକ୍ରାନ୍ତରେ ତିଗିରିଆ ଥାନାରେ ମାମଲା (ନଂ ୧୩୧/୨୬) ରୁଜୁ ହୋଇ ଅଧିକ ତଦନ୍ତ ଚାଲିଥିବା ଆଇଆଇସି ସୂଚନା ଦେଇଛନ୍ତି।

## ପାନୀୟଜଳ ଯୋଗାଣ ବିପର୍ଯ୍ୟସ୍ତ

# ୫ ବର୍ଷ ପରେ ବି ମିଳୁନି ପାଣି; ଲୋକେ ହନ୍ତସନ୍ତ

ବଡ଼ମ୍ବା,୭।୫(ସମିସ): କଟକ ଜିଲ୍ଲା ବଡ଼ମ୍ବା ବ୍ଲକରେ ରାଜ୍ୟ ସରକାରଙ୍କ ମେଗା ପାନୀୟ ଜଳ ପ୍ରକଳ୍ପର ବିଫଳତା ପଦାରେ ପଡ଼ିଛି। ବ୍ଲକର ବିଭିନ୍ନ ଅଞ୍ଚଳରେ ଜଳ ସଙ୍କଟ ଉତ୍କଟ ରୂପ ଧାରଣ କରିଥିବା ବେଳେ ବିଭାଗୀୟ ଅଧିକାରୀମାନେ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି। ବିଶେଷ କରି ଗୋପାଳପୁର ଛକ ମୁଖ୍ୟ ରାସ୍ତାର ଦୁଇ ପାର୍ଶ୍ୱରେ ରହୁଥିବା ୫ଟି ପରିବାର ଆଜି ପର୍ଯ୍ୟନ୍ତ ପାନୀୟ ଜଳ ସୁବିଧାରୁ ବଞ୍ଚିତ ରହିଛନ୍ତି। ସୂଚନା ଅନୁଯାୟୀ, ୨୦୧୮ ମସିହାରେ ରାଜ୍ୟ ସରକାରଙ୍କ ତହବିଲରୁ ୩୧୭ କୋଟି ଟଙ୍କା ବ୍ୟୟରେ ଏଲଆଣ୍ଡଟି ଠିକା ସଂସ୍ଥା ଜରିଆରେ ବଡ଼ମ୍ବା ବ୍ଲକର ୩୮ ଟି ପଞ୍ଚାୟତକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇଦେବାକୁ ଚୁକ୍ତି ହୋଇଥିଲା। ୨୦୨୦ ମସିହା ସୁଦ୍ଧା କାର୍ଯ୍ୟ ଶେଷ ହେବାର ଲକ୍ଷ୍ୟ ରଖାଯାଇଥିଲେ ହେଁ ୫ ବର୍ଷ ବିତିଯାଇଥିଲେ ମଧ୍ୟ ଏବେ ବି ଅନେକ ଅଞ୍ଚଳ ଜଳ ସଙ୍କଟ ଦେଇ ଗତି କରୁଛି। ଠିକା ସଂସ୍ଥା ନିଜ ଦାୟିତ୍ୱକୁ ସ୍ଥାନୀୟ ଠିକାଦାରଙ୍କ ହାତକୁ ଟେକି ଦେଇ ଚୁପ୍ ବସିଯିବା ଯୋଗୁଁ ସମସ୍ୟା ଜଟିଳ ହେବାରେ ଲାଗିଛି। ଗୋପାଳପୁର ଛକ ଦେଇ ପ୍ରତ୍ୟହ ୧୦ଟି ଗ୍ରାମର ଲୋକେ ଯାତାୟାତ କରୁଥିବା ବେଳେ ପଥଚାରୀମାନେ ପାଣି ଟୋପାଏ ପାଇଁ ଡହକ ବିକଳ ହେଉଛନ୍ତି। ଏହା ସହିତ ବ୍ଲକର ବିଭିନ୍ନ ସ୍ଥାନରେ ପାନୀୟ ଜଳ ପାଇପ୍ ଫାଟି ପାଣି ରାସ୍ତାରେ ବୋହି ଯାଉଛି। ଏନେଇ ଅଭିଯୋଗ କଲେ ମଧ୍ୟ ସମାଧାନ ପାଇଁ ୮ରୁ ୧୦ ଦିନ ସମୟ ଲାଗୁଛି। ଜଳ ଯୋଗାଣର କୌଣସି ନିର୍ଦ୍ଦିଷ୍ଟ ସମୟ ସୀମା ନାହିଁ; କେତେବେଳେ ମଧ୍ୟାହ୍ନରେ ତ କେତେବେଳେ ରାତି ସାରା ପାଣି ଚାଲୁଛି। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

ନେମାଳ ପୀଠ ଉନ୍ନତୀକରଣ |

# ଭୂମି ଅଧିଗ୍ରହଣ ପାଇଁ ଜନଶୁଣାଣି




ନେମାଳ,୭।୫(ସମିସ): ନିଶ୍ଚିନ୍ତକୋଇଲି ବ୍ଲକସ୍ଥିତ ପ୍ରସିଦ୍ଧ ମହାପୁରୁଷ ଅଚ୍ୟୁତାନନ୍ଦ ପୀଠର ଉନ୍ନତୀକରଣ କାର୍ଯ୍ୟ ପାଇଁ ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଭୂମି ଅଧିଗ୍ରହଣ ସମ୍ପର୍କିତ ଏକ ଜନଶୁଣାଣି ଶିବିର ନେମାଳ ପଞ୍ଚାୟତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। କଟକ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡକ୍ଟର ଦିବ୍ୟଲୋଚନ ମହାନ୍ତି, ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ନିଶ୍ଚିନ୍ତକୋଇଲି ତହସିଲଦାର ଦମୟନ୍ତୀ ସାହୁ ଏବଂ ଜମି ଅଧିଗ୍ରହଣ ଅଧିକାରୀ ସୌମ୍ୟା ସତଭିଶା ଜନସାଧାରଣଙ୍କ ମତାମତ ଗ୍ରହଣ କରିଥିଲେ। ଏଥିସହିତ ଓବିସିସି ଏଜିଏମ୍ କଲ୍ଲୋଳ ପ୍ରଧାନ, ଅଧୀକ୍ଷକ ଯନ୍ତ୍ରୀ ଅଭିଜିତ ସାମନ୍ତସିଂହାର, ଏସଡିପିଓ ବିରଞ୍ଚି ନାରାୟଣ ପତି, ନେମାଳ ଥାନାଧିକାରୀ ଜ୍ୟୋତିରଞ୍ଜନ ମହାପାତ୍ର ଏବଂ ଏନସିଡିଏସ ଅଧିକାରୀ ଦୀପକ ଦାସ ଓ ବିଭୂତି ଭୂଷଣ କରଙ୍କ ସମେତ ବହୁ ସରକାରୀ ପଦାଧିକାରୀ ସାମିଲ ହୋଇଥିଲେ। ପ୍ରକଳ୍ପ ପାଇଁ ଜମି ହରାଉଥିବା ସ୍ଥାନୀୟ ବାସିନ୍ଦା ନିଜ ନିଜର ଆପତ୍ତି ଓ ଅଭିଯୋଗ ପ୍ରଶାସନିକ ଅଧିକାରୀଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ।

# ଘର ଉପରେ ପଡ଼ିଲା ବରଗଛ, ଅଳ୍ପକେ ବର୍ତ୍ତିଲେ ପରିବାର

ତିଗିରିଆ,୭।୫(ସମିସ): ଗୁରୁବାର ଅପରାହ୍ନରେ ତିଗିରିଆ ବ୍ଲକର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିଛି। ପ୍ରବଳ ବର୍ଷା ଓ ପବନ ଯୋଗୁଁ ନୂଆପାଟଣା ଗ୍ରାମରେ ଏକ ବିରାଟ ଗଛ ଘର ଉପରେ ଭାଙ୍ଗି ପଡ଼ିଥିବା ବେଳେ ଏଥିରୁ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଘଟଣାରେ କୌଣସି ଧନଜୀବନ ନଷ୍ଟ ହୋଇ ନ ଥିଲେ ସୁଦ୍ଧା ବହୁତ ପରିମାଣର ସମ୍ପତ୍ତି କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଅପରାହ୍ନରେ ହୋଇଥିବା ଝଡ଼ବର୍ଷା



ଯୋଗୁଁ ନୂଆପାଟଣା ମଝିସାହି ନିକଟ ପୁରୁଣା ପୋଖରୀ ହୁଡ଼ାରେ ଥିବା ଏକ ପୁରୁଣା ବରଗଛ ଭାଙ୍ଗି ପଡ଼ିଥିଲା। ଗଛଟି ସେହି ଗ୍ରାମର ନାରାୟଣ କୁଣ୍ଡୁଙ୍କ ଘର ଉପରେ ପଡ଼ିବାରୁ ଘରଟି ଭାଙ୍ଗି ଯାଇଛି। ଏହାସହ ରଞ୍ଜନା ଦାସଙ୍କ ଘର କାନ୍ଥ ଏବଂ ଗଙ୍ଗାଧର ତୋଷଙ୍କ ପାଇଖାନାଟି ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଯାଇଛି। ନୂଆପାଟଣା ସମେତ ଜେମାଦେଇପୁର, ବିନ୍ଧାଣିମା ଓ ଗଦାଧରପୁର ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମରେ କାଳବୈଶାଖୀ ଯୋଗୁଁ ଗଛ ଭାଙ୍ଗି ବିଦ୍ୟୁତ ତାର ଉପରେ ପଡ଼ିଛି। ଫଳରେ ଅପରାହ୍ନ ୩ଟା ପରଠାରୁ ସମ୍ପୂର୍ଣ୍ଣ ଅଞ୍ଚଳରେ ବିଦ୍ୟୁତ ସେବା ବାଧାପ୍ରାପ୍ତ ହୋଇଛି।

## ମାନବିକତାର ପରିଚୟ ଦେଲେ ତହସିଲଦାର

# ଦିବ୍ୟାଙ୍ଗ ବରକନ୍ୟାଙ୍କ ବିବାହରେ ସାଜିଲେ ମୁଖ୍ୟ ପୁରୋଧା

ଭଦ୍ରେଶ୍ୱର,୭।୫(ସମିସ): ସମାଜରେ ଅନେକ ସମୟରେ ଦିବ୍ୟାଙ୍ଗମାନେ ଅବହେଳା ଓ ଅଣଦେଖାର ଶିକାର ହେଉଥିବା ବେଳେ ଆଜି ମାହାଙ୍ଗା ତହସିଲ ପରିସରରେ ଦେଖିବାକୁ ମିଳିଛି ଏକ ଭିନ୍ନ ଓ ହୃଦୟସ୍ପର୍ଶୀ

**ତହସିଲ ପରିସରରେ ବାଜିଲା ଶାହାନାଇ**

ଦୃଶ୍ୟ। ଦୁଇଜଣ ଦିବ୍ୟାଙ୍ଗ ବରକନ୍ୟାଙ୍କ ବିବାହ କାର୍ଯ୍ୟରେ ସ୍ୱୟଂ ମାହାଙ୍ଗା ତହସିଲଦାର ସୁବାଶିଷ ପାଲଟା ମୁଖ୍ୟ ପୁରୋଧା ସାଜି ସମାଜ ପାଇଁ ଏକ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି। ତହସିଲଦାରଙ୍କ ଏହି ସ୍ୱାଗତଯୋଗ୍ୟ ପଦକ୍ଷେପ ପାଇଁ ବିଭିନ୍ନ ମହଲରୁ ଏବେ



ଶୁଭେଚ୍ଛାର ସୁଅ ଛୁଟୁଛି।

ମାହାଙ୍ଗା ପଞ୍ଚାୟତ ଗୌଡପଡ଼ା ଗ୍ରାମର ଏକ ଦଳିତ ପରିବାରର ଦିବ୍ୟାଙ୍ଗ କନ୍ୟା ଉର୍ମିଳା ଭୋଇ(୨୪)ଙ୍କ ସହିତ ମୟୂରଭଞ୍ଜ ଜିଲ୍ଲା ଉଦଳା ଅଞ୍ଚଳର ବଙ୍ଗ ସିଂ(୩୦)ଙ୍କ ବିବାହ ସ୍ଥିର ହୋଇଥିଲା। ବର ବଙ୍ଗ ସିଂ ମଧ୍ୟ ଜଣେ ଦିବ୍ୟାଙ୍ଗ। ଆଜି ମାହାଙ୍ଗା ତହସିଲଦାରଙ୍କ ତତ୍ତ୍ୱାବଧାନରେ ଓ ଉପସ୍ଥିତିରେ ଉଭୟଙ୍କ ପବିତ୍ର ବିବାହ ବନ୍ଧନ ଅତ୍ୟନ୍ତ ସୁରୁଖୁରୁରେ ସମ୍ପନ୍ନ ହୋଇଛି। ଏହି ସାମାଜିକ କାର୍ଯ୍ୟରେ ଆଇନଜୀବୀ ଆର୍ତ୍ତତ୍ରାଣ ରାଉତ ପୂର୍ଣ୍ଣ ସହଯୋଗ କରିଥିଲେ। ଏହି ବିବାହ ଉତ୍ସବରେ କନ୍ୟାପିତା ଗୟାଧର ଭୋଇଙ୍କ ସମେତ ତାଙ୍କ ପରିବାରବର୍ଗ ଏବଂ ବରପକ୍ଷରୁ ବାସୁଦେବ ସିଂ, ଢ଼େଙ୍ଗାନାଥ ସିଂ, ସୁରେନ୍ଦ୍ର ସିଂଙ୍କ ଭଳି ଅତିଥିମାନେ ଯୋଗଦେଇଥିଲେ। ଏଥିସହିତ ସ୍ଥାନୀୟ ୱାର୍ଡମେମ୍ବର ପ୍ରଦିପ୍ତ ଭୋଇ, ଜ୍ୟୋର୍ତିବିତ୍ ବିରଞ୍ଚିନାରାୟଣ ଦାସ, ସାମ୍ବାଦିକ ରବିନାରାୟଣ ଦାସ ପ୍ରମୁଖ ନବଦମ୍ପତିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ତହସିଲଦାର ସୁବାଶିଷ ପାଲଟାଙ୍କ ଏହି ମହତ ପ୍ରୟାସ ଏବେ ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରଶାସନିକ ଦାୟିତ୍ୱ ମଧ୍ୟରେ ରହି ମଧ୍ୟ ସାମାଜିକ ଦାୟିତ୍ୱବୋଧ ପ୍ରତି ସେ ଯେଉଁ ସମ୍ବେଦନଶୀଳତା ଦେଖାଇଛନ୍ତି, ତାହା ଦିବ୍ୟାଙ୍ଗମାନଙ୍କ ମନୋବଳ ବୃଦ୍ଧି କରିବା ସହ ସମାଜରେ ସେମାନଙ୍କୁ ସମ୍ମାନର ସହ ବଞ୍ଚିବାକୁ ଖୋରାକ ଯୋଗାଇବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# ଅନ୍‌ଲାଇନ ପାଠପଢ଼ାର ଯାଞ୍ଚକଲେ ବ୍ଲକ ଶିକ୍ଷାଧିକାରୀ

ତିଗିରିଆ,୭।୫(ସମିସ): ଗ୍ରୀଷ୍ମକାଳୀନ ଛୁଟି ସମୟରେ ଛାତ୍ରଛାତ୍ରୀଙ୍କୁ ପାଠପଢା ସହ ଜଡ଼ିତ ରଖିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ରହିଥିବା ଅନଲାଇନ ଶିକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି ତିଗିରିଆ ବ୍ଲକ ଶିକ୍ଷା ଅଧିକାରୀ ଅମର କୁମାର ମହାରଣା। ଗୁରୁବାର ଶ୍ରୀ ମହାରଣା ପାଞ୍ଚଗାଁ ଦଧିବାମନଜୀଉ ବିଦ୍ୟାପୀଠର କେତେକ ଛାତ୍ରୀଙ୍କ ଘରକୁ ଯାଇ ଅନଲାଇନ ମାଧ୍ୟମରେ ପାଠପଢା କିପରି ଚାଲିଛି, ତାହା ଯାଞ୍ଚ କରିବା ସହ ଅଭିଭାବକଙ୍କ ସହ ଆଲୋଚନା କରିଥିଲେ। ଏହାସହିତ ବିଡି ଶ୍ରମିକ ବିଦ୍ୟା ନିକେତନର ଦଶମ ଶ୍ରେଣୀ ପାସ କରିଥିବା ଛାତ୍ରଛାତ୍ରୀଙ୍କ ପାଇଁ ଆୟୋଜିତ ଏକ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମରେ ଯୋଗଦେଇ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷାବିତ ଓ ସମାଜସେବୀମାନେ ଉପସ୍ଥିତ ରହି ଅନଲାଇନ ଶିକ୍ଷାର ଫଳପ୍ରଦତା ଅନୁଧ୍ୟାନ କରିଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୫.୨୯ ● ପାଉଣ୍ଡ ୧୨୮.୭୬
- ୟୁରୋ ୧୧୧.୨୮ ● ୟେନ୍ ୦.୬୦

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୦,୨୫୦ (ଭୁବନେଶ୍ୱର)
- ରୁପା : ୨,୭୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୭,୮୮୪.୦୦
- ନିଫ୍ଟି ୨୪,୩୨୬.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ସୁନା, ଶାଢ଼ୀ, ବେକାରି ଭତ୍ତା, ଋଣ ଛାଡ଼ ନିର୍ବାଚନୀ ପ୍ରତିଶ୍ରୁତି

# ରାଜକୋଷ ଉପରେ ୧.୭ ଲକ୍ଷ କୋଟିର ବୋଝ

**ନୂଆଦିଲ୍ଲୀ,୭ା୫(ଏଜେନ୍ସି):** ସମ୍ପ୍ରତି ପଶ୍ଚିମବଙ୍ଗ, ତାମିଲନାଡୁ, କେରଳ ଏବଂ ଆସାମରେ ବିଧାନସଭା ନିର୍ବାଚନ ଶେଷ ହୋଇଛି। ଏଥିରେ ପଶ୍ଚିମବଙ୍ଗରେ ବିଜେପି ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ହାସଲ କରିଛି। ତାମିଲନାଡୁରେ ଥାଲାପତି ବିଜୟଙ୍କ ଦଳ ଟିଭିକେ ସବୁଠାରୁ ବଡ଼ ଦଳ ଭାବରେ ଉଭା ହୋଇ ସରକାର ଗଠନ କରିବା ନିଶ୍ଚିତ ବୋଲି ବିବେଚନା କରାଯାଉଛି। କେରଳରେ ୟୁଡିଏଫ୍ କ୍ଷମତାକୁ ଫେରିଛି। ଏହି ନିର୍ବାଚନରେ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ଭୋଟରଙ୍କୁ ଅତ୍ୟଧିକ ନିର୍ବାଚନୀ ପ୍ରତିଶ୍ରୁତି ଦିଆଯାଇଛି। ବିଶେଷଜ୍ଞମାନେ କହିଛନ୍ତି ଯେ ବିଧାନସଭା ନିର୍ବାଚନ ସମୟରେ ଏହି ଦଳଗୁଡ଼ିକ ସୁନା, ଶାଢ଼ୀ, ବେକାରି ଭତ୍ତା ଏବଂ ଋଣ ଛାଡ଼ ଭଳି ନିର୍ବାଚନୀ ପ୍ରତିଶ୍ରୁତି ଦେଇଛନ୍ତି। ହେଲେ ଏସବୁ ପ୍ରତିଶ୍ରୁତି ପୂରଣ କରିବା ଦ୍ୱାରା ରାଜକୋଷ ଉପରେ ୧.୭ ଲକ୍ଷ କୋଟି ଟଙ୍କାର ଅତିରିକ୍ତ ବୋଝ ପଡ଼ିପାରେ।




ତାମିଲନାଡୁରେ ଟିଭିକେ ୬୦ ବର୍ଷ ବୟସ ପର୍ଯ୍ୟନ୍ତ ମହିଳାମାନଙ୍କୁ ପ୍ରତି ମାସରେ ୨୫୦୦ ଟଙ୍କା, ୨୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ୍, ପ୍ରତିବର୍ଷ ୬ଟି ମାଗଣା ଏଲପିଜି ସିଲିଣ୍ଡର, ବୃଦ୍ଧ, ବିଧବା ଏବଂ ଦିବ୍ୟାଙ୍ଗଙ୍କ ପାଇଁ ୩୦୦୦ ଟଙ୍କା ମାସିକ ପେନସନ୍, ସ୍ନାତକ ବେକାରଙ୍କ ପାଇଁ ୪୦୦୦ ଟଙ୍କା ଏବଂ ସମବାୟ ଫସଲ ଋଣ ଛାଡ ଭଳି ନିର୍ବାଚନୀ ପ୍ରତିଶ୍ରୁତି ଦେଇଛି। ଏହାଛଡା ଗରିବ ପରିବାରଗୁଡିକୁ ସେମାନଙ୍କ ଝିଅ ବାହାଘରରେ ୮ ଗ୍ରାମ ସୁନା ଏବଂ ଏକ ରେଶମ ଶାଢ଼ି ଦେବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଛି। ଯଦି ଦଳ କ୍ଷମତାକୁ ଆସିବା ପରେ ଏହି ପ୍ରତିଶ୍ରୁତି ପୂରଣ କରେ, ତେବେ ଏହା ରାଜ୍ୟ ରାଜକୋଷ ଉପରେ ବାର୍ଷିକ ୮୭,୯୦୦ କୋଟି ଟଙ୍କାର ଅତିରିକ୍ତ ବୋଝ ଲଦିବ। ସେହିପରି ପଶ୍ଚିମବଙ୍ଗରେ ବିଜେପି ମହିଳାମାନଙ୍କୁ ନଗଦ ହସ୍ତାନ୍ତର ୧୫୦୦ ରୁ ୩୦୦୦ ଟଙ୍କା କୁ ବୃଦ୍ଧି କରିବାକୁ ପ୍ରତିଶ୍ରୁତି ଦେଇଛି। ଦଳ ଚାଷୀ ଏବଂ ବେକାର ଯୁବକମାନଙ୍କୁ ୯୦୦୦ ଟଙ୍କା ଦେବାକୁ ଏବଂ ଧାନର ଏମଏସପି ଜାତୀୟ ସ୍ତରଠାରୁ ୩୦ ପ୍ରତିଶତ ବୃଦ୍ଧି କରିବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଛି। ଯଦି ଦଳ ଏହି ପ୍ରତିଶ୍ରୁତି ପୂରଣ କରେ ତେବେ ଏହା ରାଜ୍ୟ ରାଜକୋଷ ଉପରେ ବାର୍ଷିକ ୭୨,୬୦୦ କୋଟି ଟଙ୍କାର ଅତିରିକ୍ତ ରାଜସ୍ୱର ବୋଝ ଲଦିଦେବ। କେରଳରେ ନିର୍ବାଚନ ପ୍ରତିଶ୍ରୁତି ପୂରଣ କରିବା ଦ୍ୱାରା ରାଜ୍ୟ ଉପରେ ୮୫୦୦ କୋଟି ଟଙ୍କାର ଅତିରିକ୍ତ ରାଜସ୍ୱ ଭାର ଭାର ରହିବ। ବିଶେଷଜ୍ଞମାନେ କହିଛନ୍ତି ଯେ ପଶ୍ଚିମବଙ୍ଗରେ ମହିଳାମାନଙ୍କୁ ନଗଦ ହସ୍ତାନ୍ତର ଦୁଇଗୁଣ କରିବା ଦ୍ୱାରା ରାଜ୍ୟ ଜିଡିପିର ୩.୪ ପ୍ରତିଶତ ପର୍ଯ୍ୟନ୍ତ ଅର୍ଥ ଖର୍ଚ୍ଚ ହୋଇପାରେ। ୨୦୨୭ ଆର୍ଥିକବର୍ଷରେ ରାଜ୍ୟର ଆର୍ଥିକ ନିଅଣ୍ଟ ୨.୯% ହେବ ବୋଲି ଆକଳନ କରାଯାଇଛି। ସେହିପରି, ତାମିଲନାଡୁ କ୍ଷେତ୍ରରେ ସମସ୍ତ ନିର୍ବାଚନ ପ୍ରତିଶ୍ରୁତି ଉପରେ ଖର୍ଚ୍ଚ ରାଜ୍ୟର ଜିଡିପିର ୨.୨% ହେବ। ୨୦୨୭ ଆର୍ଥିକବର୍ଷରେ ତାମିଲନାଡୁର ଆର୍ଥିକ ନିଅଣ୍ଟ ୩% ହେବ ବୋଲି ଆକଳନ କରାଯାଇଛି। ଏହି ନିର୍ବାଚନ ପ୍ରତିଶ୍ରୁତି ପୂରଣ କରିବା ଦ୍ୱାରା ଏହି ରାଜ୍ୟଗୁଡ଼ିକର ଆର୍ଥିକ ପରିସ୍ଥିତି ବିପଦରେ ପଡ଼ିପାରେ।

ଏ ସମ୍ପର୍କରେ ଏମ୍‌କେ ଗ୍ଲୋବାଲର ପ୍ରମୁଖ ଅର୍ଥନୀତିଜ୍ଞ ମାଧବୀ ଆରୋରା କହିଛନ୍ତି, ରାଜ୍ୟ ରାଜନୀତି ଏବେ ସମ୍ପୂର୍ଣ୍ଣ ଭାବରେ ଆକ୍ରମଣାତ୍ମକ ଲୋକବାଦୀ ନୀତି ଦ୍ୱାରା ପରିଚାଳିତ। ୨୦୨୩ ପରଠାରୁ ନିର୍ବାଚନ ଚକ୍ର ଯୋଗୁଁ ଆର୍ଥିକ ନିଅଣ୍ଟ-ଜିଡିପି ଅନୁପାତରେ ପ୍ରାୟ ୧ ପ୍ରତିଶତ ବୃଦ୍ଧି ଘଟିଛି, ଯେତେବେଳେ କି ରାଜସ୍ୱ ଖର୍ଚ୍ଚ ଏବଂ ପୁଞ୍ଜି ଖର୍ଚ୍ଚ ସ୍ଥିର ରହିଛି। ୩% ସୀମା ଏବେ ନିମ୍ନ ସୀମା ହେବାକୁ ଯାଉଛି। ଆଗାମୀ ବର୍ଷଗୁଡ଼ିକରେ ଏହି ଅନୁପାତ ଆହୁରି ବୃଦ୍ଧି ପାଇବା ଆଶଙ୍କା କରାଯାଉଛି। କାରଣ ଆସନ୍ତାବର୍ଷ ପଞ୍ଜାବ, ଗୁଜରାଟ ଏବଂ ଉତ୍ତର ପ୍ରଦେଶରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି।

## ସାବିତ୍ରୀ ପାଇଁ ତନେଇରାର 'ଇନାୟା' କଲେକ୍ସନ



**ଭୁବନେଶ୍ୱର, ୭ା୫(ସମିସ):** ଟାଟା ପ୍ରଡକ୍ଟ ତନେଇରା ସାବିତ୍ରୀ ବ୍ରତର ଉତ୍ସବ ଭାବନା ସହିତ ଗ୍ରାହକଙ୍କ ପାଇଁ ଆଣିଛି ସ୍ୱତନ୍ତ୍ର 'ଇନାୟା' ସମ୍ଭାର। ଏହାସହିତ ସ୍ୱତନ୍ତ୍ର ଫେଷ୍ଟିଭ୍ ଅଫର ଉପଲବ୍ଧ। ଅଫର ଅନ୍ତର୍ଗତ ଗ୍ରାହକ ଚଳିତମାସ ୫ରୁ୧୭ ପର୍ଯ୍ୟନ୍ତ ରାଜ୍ୟରେ ଥିବା ଯେକୌଣସି ତନେଇରା ଷ୍ଟୋରରୁ ୨ଟି ପ୍ରଡକ୍ଟ କ୍ରୟ ଉପରେ ୧୫% ଏବଂ ୩ଟି ପ୍ରଡକ୍ଟ କ୍ରୟରେ ୨୦% ରିଆତି ପାଇପାରିବେ। ନିର୍ଦ୍ଦିଷ୍ଟ ଉତ୍ପାଦ ଉପରେ ଏ ଅଫର ଉପଲବ୍ଧ। ସାବିତ୍ରୀ ବ୍ରତର ସାମାଜିକ ଓ ସାଂସ୍କୃତିକ ମହତ୍ୱକୁ ବୁଝି ଗ୍ରାହକଙ୍କୁ ପରମ୍ପରା ସହ ଜଡ଼ିତ ଅର୍ଥପୂର୍ଣ୍ଣ ଅନୁଭୂତି ଦେବା ଲାଗି ବ୍ରାଣ୍ଡର ପ୍ରତିବଦ୍ଧତାର ପ୍ରତୀକ ହେଉଛି ଏହି ଅଫର। ଇନାୟା କଲେକ୍ସନରେ ଆବ୍‌ଷ୍ଟ୍ରାକ୍ଟ ଫ୍ଲୋରାଲ, ଲେୟର୍ଡ ଟେକ୍‌ଷ୍ଟର ଏବଂ ସବଲ୍ ଜୋମେଟ୍ରିକ୍ ଉପାଦାନଗୁଡ଼ିକ ଏକତ୍ର ଭାବେ ତରଳତା ଏବଂ ଗଠନ ମଧ୍ୟରେ ଏକ ସନ୍ତୁଳନ ସୃଷ୍ଟି କରନ୍ତି। ଇନାୟା କରିଆରେ ତନେଇରା ଏପରି ଶାଢ଼ିଗୁଡ଼ିକୁ ଉନ୍ମୋଚନ କରିଛି, ଯାହା ଆଧୁନିକ ମହିଳାଙ୍କ ବିକଶିତ ପରିଚୟସହ ପ୍ରତିଧ୍ୱନିତ ହୁଏ, ଯେଉଁଠାରେ ପରମ୍ପରାକୁ ସମସାମୟିକ ପ୍ରକାଶନ ମାଧ୍ୟମରେ ନିରନ୍ତର ପୁନଃକଳ୍ପନା କରାଯାଏ। ଏ ଅବସରରେ ତନେଇରାର ସିଏସ୍‌ଏମ୍‌ଓ ସୋମପ୍ରଭ କୁମାର ସିଂହ କୁହନ୍ତି, ତନେଇରାରେ ଆମେ ଶୁଦ୍ଧ ଏବଂ ହାତ ତିଆରି ବୟନ ଯୋଗାଇ ଦେବାକୁ ପ୍ରତିବଦ୍ଧ, ଯାହା ଏଭଳି ପରମ୍ପରାଗୁଡ଼ିକୁ ସମ୍ମାନ ଜଣାଏ। ଭାରତର ସମୃଦ୍ଧ ପୋଷାକ ଐତିହ୍ୟକୁ ଗୋଟିଏ ଛାତ ତଳେ ଏକତ୍ର କରିଛି ତନେଇରା। ଗୋଟିଏ ଛାତ ତଳେ ଭାରତର ୧୦୦ରୁ ଅଧିକ ବୟନ କ୍ଲଷ୍ଟରରୁ ଶୁଦ୍ଧ ଏବଂ ପ୍ରାକୃତିକ ଫ୍ୟାବ୍ରିକ୍ସରେ ପ୍ରସ୍ତୁତ ଉତ୍ପାଦ ଉପଲବ୍ଧ।



ନୀତା ମୁକେଶ ଅମ୍ବାନୀ ସାଂସ୍କୃତିକ କେନ୍ଦ୍ର ସହିତ ସହଭାଗୀତାରେ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ନ୍ୟାସନାଲ ପାଭିଲିୟନ୍ ଅଫ୍ ଇଣ୍ଡିଆର ଉଦଘାଟନ ଅବସରରେ ଭେନିସ୍ ବିଏନଲେଠାରେ ପୁରା ଅମ୍ବାନୀ ପରିବାର ଭାରତର ସାଂସ୍କୃତିକ ଐତିହ୍ୟକୁ ବିଶ୍ୱ ମଞ୍ଚରେ ସ୍ଥାନିତ କରିବାର ସେମାନଙ୍କର ଦୀର୍ଘକାଳୀନ ଦୃଷ୍ଟିକୋଣରେ ଆଉ ଏକ ମାଇଲଖୁଣ୍ଟ ସ୍ଥାପନ ପାଇଁ ଏକାଠି ହୋଇଛନ୍ତି।

## ତୈଳ ମୂଲ୍ୟ ବୃଦ୍ଧିର ପ୍ରଭାବ
# ଆମେରିକାରେ କାର୍ ଚଳାଇବା ଛାଡୁଛନ୍ତି ନିମ୍ନ ଆୟକାରୀ

**ୱାଶିଂଟନ୍, ୭ା୫(ଏଜେନ୍ସି):** ଇରାନ୍ ଯୁଦ୍ଧ ଯୋଗୁ ଇନ୍ଧନ ମୂଲ୍ୟରେ ତୀବ୍ର ବୃଦ୍ଧି ପରେ ଆମେରିକାରେ ଲୋକଙ୍କ ମଧ୍ୟରେ ଆୟ କ୍ଷେତ୍ରରେ ବଢୁଥିବା ବ୍ୟବଧାନ ଅଧିକ ବାରି ହୋଇଗଲାଣି। କାରଣ ଆମେରିକାରେ ବର୍ତ୍ତମାନ ପେଟ୍ରୋଲ ମୂଲ୍ୟ ରେକର୍ଡ ସ୍ତରରେ ପହଞ୍ଚିଛି। ଏଥିଯୋଗୁ ସେଠାରେ ନିମ୍ନ ଆୟକାରୀ ପରିବାରଗୁଡ଼ିକ ପେଟ୍ରୋଲ ଖର୍ଚ୍ଚ କମ୍ କରିବାକୁ ଗାଡ଼ି ଚଳାଇବା କମ୍ କରିବାକୁ ବାଧ ହୋଇଛନ୍ତି। ଫେଡେରାଲ୍ ରିଜର୍ଭ ବ୍ୟାଙ୍କ ଅଫ୍ ନ୍ୟୁୟର୍କ ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନ ରିପୋର୍ଟରୁ ଏହା ଜଣାପଡିଛି।

ରିପୋର୍ଟରେ ଦର୍ଶାଯାଇଛି ଯେ ଧନୀ ଆମେରିକୀୟମାନେ ସର୍ବନିମ୍ନ ଜୀବନଶୈଳୀ ପରିବର୍ତ୍ତନ ସହିତ ଉଚ୍ଚ ଇନ୍ଧନ ଖର୍ଚ୍ଚକୁ ଆପଣାଉଥିବାବେଳେ ଗରିବ ପରିବାରଗୁଡ଼ିକ ବୃଦ୍ଧି ପାଉଥିବା ମୂଲ୍ୟ ସହିତ ମୁକାବିଲା କରିବା ପାଇଁ ପେଟ୍ରୋଲ ବ୍ୟବହାରକୁ ତୀବ୍ର ଭାବରେ ହ୍ରାସ କରିଥିଲେ। ଫେଡେରାଲ ରିଜର୍ଭର ଗବେଷକମାନେ ଲେଖିଛନ୍ତି, ଆମେ ଦେଖୁଛୁ ଯେ ପରିବାରଗୁଡ଼ିକର ପେଟ୍ରୋଲ ଖର୍ଚ୍ଚ ସହିତ ବହୁତ ଭିନ୍ନ ଅଭିଜ୍ଞତା ଥିଲା। ମାର୍ଚ୍ଚରେ ପେଟ୍ରୋଲ ମୂଲ୍ୟରେ ତୀବ୍ର ବୃଦ୍ଧି ସହିତ, ପେଟ୍ରୋଲ ବ୍ୟବହାରରେ ଏକ 'କେ'-ଆକୃତିର ଢାଞ୍ଚା ଦେଖାଦେଇଛି। ଫେବୃଆରୀ ୨୮ ରେ ଆରମ୍ଭ ହୋଇଥିବା ଇରାନ ଯୁଦ୍ଧ, ହର୍ମୁଜ୍ ପ୍ରଣାଳୀରେ ବିଭ୍ରାଟ ଯୋଗୁଁ ବିଶ୍ୱ ଶକ୍ତି ଯୋଗାଣ ପ୍ରଭାବିତ ହେବା ପରେ ଅଶୋଧିତ ତେଲ ଏବଂ ଇନ୍ଧନ ମୂଲ୍ୟରେ ତୀବ୍ର ବୃଦ୍ଧି ଘଟିଥିଲା। ମାର୍ଚ୍ଚ ଶେଷ ସୁଦ୍ଧା ଆମେରିକାର ପେଟ୍ରୋଲ ମୂଲ୍ୟ ପ୍ରାୟ ୨୫ ପ୍ରତିଶତ ବୃଦ୍ଧି ପାଇଥିଲା ଏବଂ ବର୍ତ୍ତମାନ ଦର ଯୁଦ୍ଧ ପୂର୍ବ ସ୍ତର ତୁଳନାରେ ପ୍ରାୟ ୫୦ ପ୍ରତିଶତ ଅଧିକ। ଅଧ୍ୟୟନ ଅନୁଯାୟୀ, ବାର୍ଷିକ ୪୦ ହଜାର ଡଲାରରୁ କମ୍ ଆୟ କରୁଥିବା ପରିବାରଗୁଡିକ ମାର୍ଚ୍ଚ ମାସରେ ପେଟ୍ରୋଲ ବ୍ୟବହାର ୭ ପ୍ରତିଶତ ହ୍ରାସ କରିଥିଲେ, କିନ୍ତୁ ଏପର୍ଯ୍ୟନ୍ତ ଇନ୍ଧନ ଉପରେ ୧୨ ପ୍ରତିଶତ ଅଧିକ ଖର୍ଚ୍ଚ କରିଛନ୍ତି। ୧୨୫ ହଜାର ଡଲାରରୁ ଅଧିକ ଆୟ କରୁଥିବା ଉଚ୍ଚ-




ଆୟକାରୀ ପରିବାରଗୁଡିକ ଇନ୍ଧନ ଖର୍ଚ୍ଚରେ ୧୯% ପ୍ରତିଶତ ବୃଦ୍ଧି କରିଛନ୍ତି, ଯେତେବେଳେ କି ପେଟ୍ରୋଲ ବ୍ୟବହାର କେବଳ ୧ ପ୍ରତିଶତ ହ୍ରାସ କରିଛନ୍ତି। ରିପୋର୍ଟରେ ସୂଚିତ କରାଯାଇଛି ଯେ ନିମ୍ନ-ଆୟକାରୀ ଆମେରିକୀୟମାନେ ଯାତ୍ରା ହ୍ରାସ କରି, ସାର୍ବଜନୀନ ପରିବହନ ବ୍ୟବସ୍ଥା ଆପଣାଉଛନ୍ତି। ତେବେ ଗବେଷକମାନେ କହିଛନ୍ତି ଯେ ୨୦୨୨ରେ ରୁଷର ୟୁକ୍ରେନ ଆକ୍ରମଣ ପରେ ଇନ୍ଧନ-ମୂଲ୍ୟ ବୃଦ୍ଧି ସମୟରେ ଏହି ଅସମାନତା ଅଧିକ ଥିଲା।

ବ୍ୟାଙ୍କ ଅଫ୍ ଆମେରିକା ଇନଷ୍ଟିଚ୍ୟୁଟ୍ ଦ୍ୱାରା ଏକ ପୃଥକ ରିପୋର୍ଟରୁ ଜଣାପଡିଛି ଯେ ଆମେରିକାର ସବୁଠାରୁ ଗରିବ ଏକ ତୃତୀୟାଂଶ ଅରାମରେକୀୟ ପରିବାର ମଧ୍ୟରୁ ଦଶ ଜଣଙ୍କ ମଧ୍ୟରୁ ଜଣେ ଏବେ ଆୟର ପ୍ରାୟ ୧୦ ପ୍ରତିଶତ ପେଟ୍ରୋଲରେ ଖର୍ଚ୍ଚ କରୁଛନ୍ତି। ଉଚ୍ଚ-ଆୟକାରୀ ପରିବାର ସେମାନଙ୍କ ଆୟର ପ୍ରାୟ ୨.୭ ପ୍ରତିଶତ ଇନ୍ଧନରେ ଖର୍ଚ୍ଚ କରୁଛନ୍ତି। ଇନଷ୍ଟିଚ୍ୟୁଟ୍ ଏହା ମଧ୍ୟ ଉଲ୍ଲେଖ କରିଛି ଯେ ମାର୍ଚ୍ଚ ମାସରେ ନିମ୍ନ-ଆୟକାରୀ ପରିବାର ମଧ୍ୟରେ ଇଚ୍ଛାଧୀନ ଖର୍ଚ୍ଚ ବୃଦ୍ଧି ମନ୍ଥର ହୋଇଥିଲା, ଯେତେବେଳେ କି ମଧ୍ୟମ ଏବଂ ଉଚ୍ଚ-ଆୟକାରୀ ଗ୍ରାହକମାନେ ଖର୍ଚ୍ଚ ବୃଦ୍ଧି କରିବା ଜାରି ରଖିଥିଲେ।

## ଆମାଜନ ଫ୍ୟୁଚର ଇଞ୍ଜିନିୟର ପ୍ରୋଗ୍ରାମ ପକ୍ଷରୁ ୫୦୦ ନୂଆ ଛାତ୍ରବୃତ୍ତି

**ମୁମ୍ବଇ,୭ା୫:** ଆମାଜନ ପକ୍ଷରୁ ଆଜି ଭାରତରେ ଏହାର ଆମାଜନ ଫ୍ୟୁଚର ଇଞ୍ଜିନିୟର (ଏଏଫଇ) ପ୍ରୋଗ୍ରାମ ଅଧିନରେ ୨୦୨୬ ପାଇଁ ୫୦୦ ନୂଆ ବୃତ୍ତି ଘୋଷଣା କରାଯାଇଛି। ଏହା ନିମ୍ନ ଆୟ ବର୍ଗର ପରିବାରରୁ ଆସୁଥିବା ମହିଳା ଇଞ୍ଜିନିୟରିଂ ଛାତ୍ରୀଙ୍କୁ ଆର୍ଥିକ ସହାୟତା, ମାର୍ଗଦର୍ଶନ ଓ ଟେକ୍ନୋଲୋଜି କ୍ଷେତ୍ରରେ କ୍ୟାରିୟର ସୁଯୋଗ ପ୍ରଦାନ କରୁଛି। ଆମାଜନ ଫ୍ୟୁଚର ଇଞ୍ଜିନିୟର (ଏଏଫଇ) ହେଉଛି ଆମାଜନର ଗ୍ଲୋବାଲ କମ୍ପ୍ୟୁଟର ସାଇନ୍ସ ଏଜୁକେଶନ ପ୍ରୋଗ୍ରାମ ଯାହାକୁ ଟେକ୍ନୋଲୋଜି ଶିକ୍ଷା ଓ କ୍ୟାରିୟର ସୁଯୋଗ ପାଇଁ ପହଞ୍ଚ ବୃଦ୍ଧି କରିବା ପାଇଁ ଡିଜାଇନ କରାଯାଇଛି। ଏହି ସମ୍ପ୍ରସାରଣ ସହିତ ଏହି ପ୍ରୋଗ୍ରାମ ବର୍ତ୍ତମାନ ୨୦୦୦ ସକ୍ରିୟ ବିଦ୍ୱାନଙ୍କୁ ସହଯୋଗ ପ୍ରଦାନ କରୁଛି। ଏଏଫଇ ସ୍କୋଲାରସିପ କମ୍ପ୍ୟୁଟର ସାଇନ୍ସ କିମ୍ବା ସମ୍ବନ୍ଧିତ ପାଠ୍ୟକ୍ରମରେ ବି.ଇ. କିମ୍ବା ବି.ଟେକ୍ ଡିଗ୍ରୀ ପାଇଁ ପଢୁଥିବା ଆର୍ଥିକ ଦୁର୍ବଳ ବର୍ଗର ଛାତ୍ରୀଙ୍କୁ ୪ ବର୍ଷରେ ୨ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରୁଛି। ଆର୍ଥିକ ସହାୟତା ବ୍ୟତୀତ ବିଦ୍ୱାନ ଛାତ୍ରୀମାନେ ଏକ ଲାପ୍‌ଟପ, ବୁଟ୍‌କ୍ୟାମ୍ପ ମାଧ୍ୟମରେ ବୈଷୟିକ ତାଲିମ, ଆମାଜନ ୱମେନ ଅଫ୍ ଦ ୱାର୍ଲ୍ଡ (ଡବ୍ଲ୍ୟୁଓଡବ୍ଲ୍ୟୁ) ଠାରୁ ୱେବିନାର,ଆମାଜନ ଇଞ୍ଜିନିୟରଙ୍କ ଠାରୁ ମାର୍ଗଦର୍ଶନ ଓ ସେମାନଙ୍କର ପାଠ୍ୟକ୍ରମର ୨ୟ ବର୍ଷ ପରେ ଆମାଜନରେ ବେତନ ସହ ୮ ସପ୍ତାହର ଇଣ୍ଟର୍ଣ୍ଣଶିପ୍ ସୁଯୋଗ ପାଇପାରିବେ।

## ସାମୁଦ୍ରିକ କ୍ଷେତ୍ରରେ ମହିଳାଙ୍କ ଅଂଶଗ୍ରହଣ ୩୪୦% ବଢ଼ିଛି : ସର୍ବାନନ୍ଦ ସୋନୋୱାଲ

**ନୂଆଦିଲ୍ଲୀ, ୭ା୫:** ୨୦୨୦ରୁ ଭାରତର ସାମୁଦ୍ରିକ କ୍ଷେତ୍ରରେ ମହିଳାମାନଙ୍କ ଅଂଶଗ୍ରହଣ ହାର ୩୪୦% ବୃଦ୍ଧି ପାଇଛି। ନୂଆଦିଲ୍ଲୀରେ ୧୦ମ ଭାରତ ମହାସାଗର ଆଲୋଚନାରେ ଅଂଶଗ୍ରହଣ କରି କେନ୍ଦ୍ର ବନ୍ଦର ଓ ଜାହାଜ ଚଳାଚଳ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଭାରତର ସାମୁଦ୍ରିକ ଅଭିବୃଦ୍ଧି କାହାଣୀର ଏକ କେନ୍ଦ୍ରୀୟ ସ୍ତମ୍ଭ ଭାବରେ "ନାରୀ ଶକ୍ତି" ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମରିସସର ବୈଦେଶିକ ମନ୍ତ୍ରୀ ମହାମହିମ ଧନଞ୍ଜୟ ରାମଫୁଲ ଏବଂ ୟେମେନ ରାଷ୍ଟ୍ରମନ୍ତ୍ରୀ ମହାମହିମ ୱାଲିଦ ମହମ୍ମଦ ଅଲ-କାଦିମି ଯୋଗଦେଇଥିଲେ। 'ସାଗର ମେଁ ସମ୍ମାନ' ଭଳି ପଦକ୍ଷେପ ମାଧ୍ୟମରେ ଆମେ ସାମୁଦ୍ରିକ କ୍ଷେତ୍ରରେ ମହିଳାମାନଙ୍କ ପାଇଁ ମର୍ଯ୍ୟାଦା, ଅନ୍ତର୍ଭୁକ୍ତିକରଣ ଏବଂ ନେତୃତ୍ୱ ସୁଯୋଗକୁ ଆଗକୁ ବଢ଼ାଉଛୁ, ଯାହା ୨୦୨୦ ପରଠାରୁ ପ୍ରାୟ ୩୪୦% ବୃଦ୍ଧି ପାଇଥିବା ଶ୍ରୀ ସୋନୋୱାଲ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗତିଶୀଳ ନେତୃତ୍ୱରେ ସାମୁଦ୍ରିକ କ୍ଷେତ୍ରରେ ଏହି ପରିବର୍ତ୍ତନ ଭାରତ ମହାସାଗର କ୍ଷେତ୍ର ପାଇଁ ଏକ ଅଧିକ ଅନ୍ତର୍ଭୁକ୍ତ, ସ୍ଥିର ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ କର୍ମଶକ୍ତି ଗଠନ କରିବାରେ ସାହାଯ୍ୟ କରୁଛି। କେନ୍ଦ୍ର ମନ୍ତ୍ରୀ ଭାରତର ବ୍ୟାପକ ସାମୁଦ୍ରିକ ଦୃଷ୍ଟିକୋଣ ମଧ୍ୟରେ ମହିଳାମାନଙ୍କ ଅଂଶଗ୍ରହଣରେ ବୃଦ୍ଧିକୁ ସ୍ଥାନିତ କରିଥିଲେ, ଯାହା ଆର୍ଥିକ ଅଭିବୃଦ୍ଧିକୁ ସାମାଜିକ ସଶକ୍ତିକରଣ ସହିତ ମିଶ୍ରଣ କରିଥାଏ।




## ୨୦୨୬-୨୭ ପାଇଁ ସିଆଇଆଇର ନୂଆ ନେତୃବୃନ୍ଦ

**ଭୁବନେଶ୍ୱର,୭ା୫(ସମିସ):** ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ଓଡିଶା ରାଜ୍ୟ ପରିଷଦ ପକ୍ଷରୁ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ ଲିମିଟେଡର ଅଧ୍ୟକ୍ଷ ଅନୀଲ କୁମାର ସିଂହ ୨୦୨୬-୨୭ ବର୍ଷ ପାଇଁ ଏହାର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥିସହିତ ଟାଟା ଷ୍ଟିଲ ଏସଇଜେଡ୍ ଲିଃର ପରିଚାଳନା ନିର୍ଦ୍ଦେଶକ, ମଣିକାନ୍ତ ନାୟକ ଏହି ଅବଧି ପାଇଁ ଉପାଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ୨୦୩୬ ସୁଦ୍ଧା ରାଜ୍ୟରେ ନିଯୁକ୍ତି ସୃଷ୍ଟିକୁ ତ୍ୱରାନ୍ୱିତ କରିବା, ଶିଳ୍ପ ଉତ୍ପାଦକତା ବୃଦ୍ଧି କରିବା ଓ ସାମାଜିକ କଲ୍ୟାଣକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଲକ୍ଷ୍ୟ ସହିତ ସିଆଇଆଇ ଉଦ୍ଭାବନ, ଅନ୍ତର୍ଭୁକ୍ତୀକରଣ ଓ ସ୍ଥିରତା ପାଇଁ ଓଡିଶାକୁ ବିଶ୍ୱସ୍ତରରେ ଏକ ପ୍ରତିଯୋଗିତାମୂଳକ କେନ୍ଦ୍ର ଭାବେ ପରିକଳ୍ପନା କରିଥିବା ଶ୍ରୀ ସିଂହ କହିଛନ୍ତି। ଏହି ଅବସରରେ ମଣିକାନ୍ତ ନାୟକ, ସିଆଇଆଇ ଇଣ୍ଡିଆନ ୱିମେନ ନେଟ୍‌ୱର୍କ (ଆଇଡବ୍ଲ୍ୟୁଏନ) ମାଧ୍ୟମରେ ମହିଳା ସଶକ୍ତିକରଣ ଓ ଉଦ୍ୟୋଗିକତା ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା ଲାଗି ପରିଷଦର ନିରନ୍ତର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି।




## ୭୫ ଲକ୍ଷ କମିଲା ରେଞ୍ଜ ରୋଭର ମୂଲ୍ୟ


**ମୁମ୍ବଇ, ୭ା୫:** ଭାରତ-ୟୁକେ ଏଫ୍‌ଟିଏ କାର୍ଯ୍ୟକାରୀ ହେବାର ଆଶାରେ ଜେଏଲଆର ଇଣ୍ଡିଆ ଆଜି ୟୁକେରୁ ଆମଦାନି ହୋଇଥିବା ଏହାର ରେଞ୍ଜ ରୋଭର ସିବିୟୁ ମଡେଲଗୁଡ଼ିକର ସଂଶୋଧିତ ମୂଲ୍ୟ ଘୋଷଣା କରିଛି। ଏହି ଏଫଟିଏ ଦ୍ୱାରା ଉପକୃତ ହେଉଥିବା ପ୍ରମୁଖ ମଡେଲଗୁଡ଼ିକ ହେଉଛି ରେଞ୍ଜ ରୋଭର ଏସଭି ଏବଂ ରେଞ୍ଜ ରୋଭର ସ୍ପୋର୍ଟ ଏସଭି। ଏହି ଅନୁଯାୟୀ, ରେଞ୍ଜ ରୋଭର ଏସଭିର ମୂଲ୍ୟ ୪.୨୫ କୋଟିରୁ ହ୍ରାସ ପାଇ ୩.୫୦ କୋଟି ଟଙ୍କା କରାଯାଇଛି। ପ୍ରଥମ ଥର ପାଇଁ ଗ୍ଲସ୍ ଏବଂ ସାଟିନ୍ ଫିନିଶ୍ ଉଭୟରେ ଏସଭି ଅଲ୍ଟ୍ରା ମେଟାଲିକ୍ ପେଣ୍ଟ ବିକଳ୍ପ ସହ ଉପଲବ୍ଧ ଯାହା ଏକ ମାନକ ବୈଶିଷ୍ଟ୍ୟ ଭାବରେ ପ୍ରଦାନ କରାଯାଉଛି। ଏହା ସହିତ, ରେଞ୍ଜ ରୋଭର ସ୍ପୋର୍ଟ ଏସଭିର ମୂଲ୍ୟ ୨.୭୫ କୋଟିରୁ ହ୍ରାସ ୨.୩୫ କୋଟି ଟଙ୍କା କରାଯାଇଛି। ଏହି ପଦକ୍ଷେପ ମଡେଲର ବଜାର ସ୍ଥିତିକୁ ଆହୁରି ମଜବୁତ କରିବା ପାଇଁ ସ୍ଥିର କରାଯାଇଛି। ସଂଶୋଧିତ ମୂଲ୍ୟ ଏଫଟିଏ ଅଧୀନରେ ପ୍ରଯୁଜ୍ୟ ନୂତନ ଶୁଳ୍କ ସଂରଚନାକୁ ପ୍ରତିଫଳିତ କରୁଛି ଏବଂ ଏହା ତୁରନ୍ତ କାର୍ଯ୍ୟକାରୀ ହେବ।




# ଚାକିରି ହରାଇବେ କଗ୍ନିଜାଣ୍ଟର ୧୫ ହଜାର କର୍ମଚାରୀ

## ଛଟେଇ ନିଷ୍ପତ୍ତିକୁ ନେଇ ବଢ଼ିଲା ଚିନ୍ତା

**ନୂଆଦିଲ୍ଲୀ,୭ା୫(ଏଜେନ୍ସି):** ବଡ଼ ଧରଣର ଛଟେଇ ଯୋଜନା କରୁଛି ଆଇଟି ଜାଏଣ୍ଟ କଗ୍ନିଜାଣ୍ଟ। କୁହାଯାଇଛି ଏହି ଛଟେଇରେ ସାରା ବିଶ୍ୱରେ କମ୍ପାନିର ପ୍ରାୟ ୧୫ ହଜାର କର୍ମଚାରୀ ପ୍ରଭାବିତ ହେବେ। ବଡ଼ କଥା ହେଲା ସବୁଠାରୁ ଅଧିକ ପ୍ରଭାବିତ ହେବେ ଭାରତୀୟ କର୍ମଚାରୀ। କାରଣ ଭାରତରେ ହିଁ ସବୁଠାରୁ ଅଧିକ କର୍ମଚାରୀଙ୍କ ଛଟେଇ ହେବ। ମନିକଣ୍ଟ୍ରୋଲର ଏକ ରିପୋର୍ଟ ଅନୁଯାୟୀ, ଭାରତରେ ହିଁ ସର୍ବାଧିକ ସଂଖ୍ୟକ ଚାକିରି ଯିବ। ଏହି ଛଟେଇ ଚଳିତ ବର୍ଷ ଓରାକେଲ ଏବଂ ଆମାଜନ ପରେ ଟେକ୍ ଇଣ୍ଡଷ୍ଟ୍ରିରେ ସବୁ ବଡ଼। ସୂଚନାଯୋଗ୍ୟ, କଗ୍ନିଜାଣ୍ଟରେ ୩ ଲକ୍ଷ ୫୭ ହଜାରରୁ ଅଧିକ କର୍ମଚାରୀ କାମ କରୁଛନ୍ତି। ଯେଉଁଥିରୁ ଅଢ଼େଇ ଲକ୍ଷ କର୍ମଚାରୀ କେବଳ ଭାରତରେ ଅଛନ୍ତି। ଯଦିଓ କମ୍ପାନୀ ଏପର୍ଯ୍ୟନ୍ତ ଛଟେଇର ସଠିକ୍ ସଂଖ୍ୟା ଘୋଷଣା କରିନାହିଁ। ତଥାପି ରିପୋର୍ଟ ଅନୁଯାୟୀ ୧୨ ହଜାରରୁ ୧୫ ହଜାର କର୍ମଚାରୀ ଚାକିରି ହରାଇପାରନ୍ତି। କମ୍ପାନୀ ନିଜର ପରିଚାଳନା ଗତ ଢାଞ୍ଚାରେ ପରିବର୍ତ୍ତନ କ୍ରମେ ଏହି ଛଟେଇ କରୁଥିବା ବେଳେ, ଛଟେଇ କରାଯିବାକୁ ଥିବା କର୍ମଚାରୀଙ୍କୁ କ୍ଷତିପୂରଣ ଏବଂ ଅନ୍ୟାନ୍ୟ ସୁବିଧା ସମେତ ସେଭରେନ୍ସ କଷ୍ଟ ମଧ୍ୟ ଦିଆଯାଇପାରେ। କୁହାଯାଇଛି 'ପ୍ରୋଜେକ୍ଟ ଲିପ୍' ଅଧୀନରେ ସ୍ଥିର ହୋଇଥିବା ବଜେଟ୍ ଅନୁସାରେ, କମ୍ପାନୀ ଛଟେଇ ଆକଳନ କରିଥିଲା।




## ୨୦୨୬ରେ ଜୀବନ ବୀମା ଶିଳ୍ପର ୧୫.୭% ଅଭିବୃଦ୍ଧି

**ନୂଆଦିଲ୍ଲୀ,୭ା୫:** ୨୦୨୬ ଆର୍ଥିକବର୍ଷରେ ଜୀବନ ବୀମା ଶିଳ୍ପ ଦୃଢ଼ ଅଭିବୃଦ୍ଧି ରେକର୍ଡ କରିଛି। ମୋଟ ନ୍ୟୁ ବିଜନେସ୍ ପ୍ରିମିୟମ୍ ୧୫.୭% ବୃଦ୍ଧି ପାଇ ୪,୫୯,୭୧୩ କୋଟି ଟଙ୍କାରେ ପହଞ୍ଚିଛି, ଯାହା ୨୦୨୫ ଆର୍ଥିକବର୍ଷରେ ୩,୯୭,୩୩୭ କୋଟି ଟଙ୍କା ରହିଥିଲା। ୨୦୨୬ ମାର୍ଚ୍ଚରେ ଶିଳ୍ପ .୭୫,୮୭୨ କୋଟି ଟଙ୍କାର ନୂଆ ବିଜନେସ୍ ପ୍ରିମିୟମ୍ ସଂଗ୍ରହ କରିଥିଲା। ଏହା ମାର୍ଚ୍ଚ ୨୦୨୫ ରେ ରେକର୍ଡ ହୋଇଥିବା ୬୧,୪୩୯ କୋଟି ଟଙ୍କା ତୁଳନାରେ ଏକ ବଡ଼ ବୃଦ୍ଧି। ଏହି ଅଭିବୃଦ୍ଧି ବ୍ୟକ୍ତିଗତ ଏବଂ ଗୋଷ୍ଠୀ ବୀମା ବିଭାଗରେ ନିରନ୍ତର ଚାହିଦାକୁ ପ୍ରତିଫଳିତ କରୁଛି। ଅଭିବୃଦ୍ଧି ମୁଖ୍ୟତଃ ଗୋଷ୍ଠୀ ବ୍ୟବସାୟ କ୍ଷେତ୍ର ଦ୍ୱାରା ପରିଚାଳିତ ହୋଇଥିଲା, ଯାହା ସାମଗ୍ରିକ ପ୍ରସାରରେ ଏକ ପ୍ରମୁଖ ଅବଦାନକାରୀ ଥିଲା। ଗ୍ରୁପ୍ ସିଙ୍ଗଲ୍ ପ୍ରିମିୟମ ବର୍ଷକୁ ବର୍ଷ ୧୭.୫% ଅଭିବୃଦ୍ଧି ରେକର୍ଡ ହୋଇଛି, ଯାହା ୨,୪୯,୭୬୬ କୋଟି ଟଙ୍କାରେ ପହଞ୍ଚିଛି। ବ୍ୟକ୍ତିଗତ କ୍ଷେତ୍ର ମଧ୍ୟ ଏକ ସ୍ଥିର ପ୍ରଦର୍ଶନ ବଜାୟ ରଖିଛି, ଯାହା ନିରନ୍ତର ରିଟେଲ୍ ଅଂଶଗ୍ରହଣକୁ ପ୍ରତିଫଳିତ କରୁଛି। ଇଣ୍ଡିଭିଜୁଆଲ୍ ନନ୍-ସିଙ୍ଗଲ୍ ପ୍ରିମିୟମ ୧୦.୧% ବୃଦ୍ଧି ପାଇ ୧,୨୬,୯୦୦ କୋଟି ଟଙ୍କାରେ ପହଞ୍ଚିଛି।



